କୁଅଁର ଅରୁଣ କୁମାର

ବନାମ

ୟୁ.ପି. ହିଲ୍ ଇଲେକ୍ଟ୍ରୋନିକ୍ସ କର୍ପୋରେସନ୍ ଲିମିଟେଡ୍ ଏବଂ ଅନ୍ୟମାନେ

ଅକ୍ଟୋବର 28, 1996

[କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

ସେବା ଆଇନ:

ବରଖାସ୍ତ—ପରୀକ୍ଷଣ ଅବଧିରେ କର୍ମଚାରୀଙ୍କ କାର୍ଯ୍ୟ ସମ୍ପାଦନ ଅସନ୍ତୋଷଜନକ —କୌଣସି ତଦନ୍ତ କରାଗଲା ନାହିଁ—ଦର୍ଶାଯାଇଛି, ପରୀକ୍ଷଣ ଅବଧିରେ କାର୍ଯ୍ୟ ଏବଂ କର୍ତ୍ତବ୍ୟ ସମ୍ପାଦନ ଅସନ୍ତୋଷଜନକ—ନିୟମିତ ଅନୁପସ୍ଥିତ ଥିଲେ—ତଦନ୍ତର କୌଣସି ଆବଶ୍ୟକତା ନାହିଁ—ଏପରି କର୍ମଚାରୀମାନଙ୍କୁ ସେବାରୁ ବରଖାସ୍ତ କରିବା ପାଇଁ ନିଯୁକ୍ତିଦାତା ହକଦାର ଅଟନ୍ତି —ଏହା ମାନହାନି ବୋଲି ବିବେଚିତ ହେବ ନାହିଁ ।

ଦେୱାନୀ ଅପିଲ କ୍ଷେତ୍ରାଧିକାର : ସ୍ୱତନ୍ତ୍ର ଅନୁମତି ଆବେଦନ (ସି) ସଂଖ୍ୟା 20481/1996 ।

ଡବ୍ଲ୍ୟୁ.ପି. ସଂଖ୍ୟା 6676/1992 (ଏସ୍/ଏସ୍)ରେ ଆଲ୍ଲାହାବାଦ ଉଚ୍ଚ ନ୍ୟାୟାଳୟଙ୍କ 3.7.96 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଡି.ଭି. ସେହଗଲ, ସୁଶ୍ରୀ ସୁମନ ବାଳା ରସ୍ତୋଗୀ ଏବଂ ସୁଶ୍ରୀ ମୋନିକା ଗୋସ୍ୱାମୀ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଗଲା :

ଆଇ.ଏ. କୁ ଖାରଜ କରାଯାଇଛି ।

ରିଟ୍ ଆବେଦନ ସଂଖ୍ୟା 6676 (ଏସ୍/ଏସ୍) 92ରୁ ଆହ୍ଲାବାଦ ଉଚ୍ଚ ନ୍ୟାୟାଳୟଙ୍କ ଖଣ୍ଡପୀଠଙ୍କ ଜୁଲାଇ 3, 1996 ତାରିଖର ଆଦେଶ ଏବଂ ରାୟରୁ, ଏହି ସ୍ୱତନ୍ତ୍ର ଅନୁମତି ଆବେଦନ ଉତ୍ପନ୍ନ ହୋଇଛି ।

ଆବେଦନକାରୀଙ୍କୁ ଜାନୁଆରୀ 15, 1990ରେ ଭତ୍ତା ସହିତ 550-1100 ଟଙ୍କା ବେତନ ହାରରେ ନିଯୁକ୍ତି ଦିଆଯାଇଥିଲା; ମୋଟ ପାରିଶ୍ରମିକ 1991.40 ଟଙ୍କା ହେଉଥିଲା ।

ନିଯୁକ୍ତି ପତ୍ରର ଖଣ୍ଡ (2) ଅନୁଯାୟୀ ତାଙ୍କୁ ପରୀକ୍ଷଣ ଅବଧିରେ ରଖାଯାଇଥିଲା ଯାହା ନିମ୍ନଲିଖିତ ଭାବରେ ବର୍ଣ୍ଣିତ :

> "ଆପଣଙ୍କ ଯୋଗଦାନ ତାରିଖରୁ ଆପଣ 12 ମାସ ପାଇଁ ପରୀକ୍ଷଣ ଅବଧିରେ ରହିବେ, ଯାହାର ଅବଧି ପରିଚାଳନାର କର୍ତ୍ତୃପକ୍ଷଙ୍କର ଇଚ୍ଛା ଅନୁସାରେ ସମୟ ସମୟକୁ ବୃଦ୍ଧି କରାଯାଇପାରେ । ପରୀକ୍ଷଣ ଅବଧି ମଧ୍ୟରେ, କୌଣସି କାରଣ ନ ଦର୍ଶାଇ ଆପଣଙ୍କ ସେବା ସମାପ୍ତ ହୋଇପାରେ ।"

ଜାନୁଆରୀ 16, 1991 ତାରିଖରେ କରାଯାଇଥିବା କାର୍ଯ୍ୟାନୁଷ୍ଠାନ ଦ୍ୱାରା ତାଙ୍କ ଚାକିରିକୁ ସମାପ୍ତ କରାଯାଇଥିଲା ଯାହା ନିମ୍ନମତେ ଉଲ୍ଲିଖିତ :

> "ପରୀକ୍ଷଣ ଅବଧି ସମୟରେ ଆପଣଙ୍କ କାର୍ଯ୍ୟ ପ୍ରଦର୍ଶନ ଅସନ୍ତୋଷଜନକ ଥିଲା । ତେଣୁ, ଉପରେ ଉଲ୍ଲେଖ କରାଯାଇଥିବା ଆପଣଙ୍କ ନିଯୁକ୍ତି ପତ୍ରର ଖଣ୍ଡ (2) ଅନୁଯାୟୀ, ଆପଣଙ୍କ ସେବା 16 ଜାନୁଆରୀ 91ରୁ ସମାପ୍ତ କରାଯାଉଛି ।"

ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ଚାକିରି ସମାପ୍ତି ଆଦେଶକୁ ଆପତ୍ତି କରିଥିଲେ । ଏହା ମାନହାନି କି ନୁହେଁ ଏହି ପ୍ରଶ୍ନର ଉତ୍ତର ନ ଦେଇ ଉଚ୍ଚ ନ୍ୟାୟାଳୟ ଏହି ନିଷ୍କର୍ଷରେ ପହଞ୍ଚିଲେ ଯେ, ଉତ୍ତରଦାତାମାନେ ଅପିଲକାରୀଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ହରାଇ ଦେଇଥିଲେ ଏବଂ ସେ ଯେଉଁ ଚାକିରି ପାଇଁ ନିଯୁକ୍ତ ହୋଇଥିଲେ ତାହା ପାଇଁ ସେ ସମ୍ପୂର୍ଣ୍ଣ ଅନୁପଯୁକ୍ତ ଥିଲେ ଏବଂ ତେଣୁ, ତାଙ୍କୁ କୌଣସି ତଦନ୍ତ ପାଇଁ ଯୋଗ୍ୟ ବୋଲି ଧରା ଗଲା ନାହିଁ । ଫଳସ୍ୱରୂପ, ରିଟ୍ ଆବେଦନଟି ଖାରଜ କରିଦେଲା । ଆବେଦନକାରୀଙ୍କ ପକ୍ଷରୁ ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ସେହଗଲ ଯୁକ୍ତି ଦର୍ଶାଇଛନ୍ତି ଯେ, ନଥିଭୁକ୍ତ ହୋଇଥିବା ସିଦ୍ଧାନ୍ତ ଏକ ମାନହାନି ସଦୃଶ ; ତଦନ୍ତ ଏବଂ ଆବେଦନକାରୀଙ୍କୁ ସୁଯୋଗ ନ ଦେଇ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ବିଧାନର ଅନୁଚ୍ଛେଦ 311 (2) ଏବଂ ଏହା ଅଧୀନରେ ପ୍ରଣୀତ ନିୟମର ଉଲ୍ଲଂଘନ ଅଟେ । ତେଣୁ, ସେ ଶୁଣାଣି ପାଇଁ ଏକ ସୁଯୋଗ ପାଇବାକୁ ହକଦାର ଅଟନ୍ତି ଏବଂ କେବଳ ଅସଦାଚରଣ ଆଧାରରେ ହିଁ ବରଖାସ୍ତ ହେବେ, ବିନା କାରଣରେ ବରଖାସ୍ତ ହେବେ ନାହିଁ । ଆମେ ବିଜ୍ଞ ଅଧିବକ୍ତାଙ୍କ ସହ ସହମତ ନୋହୁଁ । ଆଦେଶରେ ଉଲ୍ଲେଖ କରାଯାଇଥିବା କାରଣଗୁଡ଼ିକ ଏକ ଉଦ୍ଦେଶ୍ୟ ପ୍ରଣୋଦିତ ହୋଇପାରେ ଏବଂ ବରଖାସ୍ତ ପାଇଁ ଏକ ଭିତ୍ତିଭୂମି ନୁହେଁ । ପରୀକ୍ଷଣ ଅବଧି ମଧ୍ୟରେ କର୍ତ୍ତୃପକ୍ଷ, ପ୍ରାର୍ଥୀଙ୍କର ଉପଯୁକ୍ତତାର ମୂଲ୍ୟାଙ୍କନ କରିବାର ଅଧିକାର ରହିଛି ଏବଂ ଯଦି

ଜଣାପଡ଼େ ଯେ, ପ୍ରାର୍ଥୀ ଚାକିରିରେ ରହିବା ପାଇଁ ଉପଯୁକ୍ତ ନୁହଁନ୍ତି, ତେବେ ସେମାନେ ପରୀକ୍ଷଣ ଅବଧି ମଧ୍ୟରେ କାର୍ଯ୍ୟ ଏବଂ କର୍ତ୍ତବ୍ୟର ଅସନ୍ତୁଷ୍ଟ ପ୍ରଦର୍ଶନର ସିଦ୍ଧାନ୍ତ ନଥିଭୁକ୍ତ କରିବାକୁ ହକଦାର ଅଟନ୍ତି । ଏହି ପରିସ୍ଥିତିଗୁଡ଼ିକରେ, ନିଯୁକ୍ତ କର୍ତ୍ତୃପକ୍ଷଙ୍କୁ ଆବଶ୍ୟକଭାବରେ ପରୀକ୍ଷଣ ଅବଧି ମଧ୍ୟରେ କାର୍ଯ୍ୟ ଏବଂ କର୍ତ୍ତବ୍ୟର ପ୍ରଦର୍ଶନ ଯାଞ୍ଚ କରିବାକୁ ପଡ଼ିବ ଏବଂ ଯଦି ସେମାନେ ଏକ ସିଦ୍ଧାନ୍ତ ରେଖାଙ୍କିତ କରନ୍ତି ଯେ, ସେହି ପରୀକ୍ଷଣ ଅବଧି ସମୟରେ, କାର୍ଯ୍ୟ ଏବଂ କର୍ତ୍ତବ୍ୟର ପ୍ରଦର୍ଶନ ସନ୍ତୋଷଜନକ ନଥିଲା, ତେବେ ସେମାନେ କୌଣସି ତଦନ୍ତ ନକରି ନିଯୁକ୍ତି ପତ୍ର ଅନୁଯାୟୀ ସେବା ସମାପ୍ତ କରିବାର ଅଧିକାର ସାବ୍ୟସ୍ତ କରିବେ । ତାହା କୌଣସି ମାନହାନି ନୁହେଁ । ଯଦି ରେଖାଙ୍କିତ ବିଷୟବସ୍ତୁ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିଆଯାଇଥିବା ଏପରି ଉପସଂହାରକୁ ସମର୍ଥନ କରୁନଥାଏ, ତେବେ ଜଟିଳତା ଉପୁଜିବ । ଏହି ମାମଲାରେ, ସେମାନେ ଏହି ସିଦ୍ଧାନ୍ତକୁ ରେଖାଙ୍କିତ କରିଛନ୍ତି ଯେ, ଆବେଦନକାରୀ ଗୋଟିଏ କିମ୍ବା ଅନ୍ୟ କାରଣ ପାଇଁ ନିୟମିତ ଭାବରେ ଅନୁପସ୍ଥିତ ଥିଲେ । ଏହି ପରିସ୍ଥିତିଗୁଡ଼ିକରେ, ଉତ୍ତରଦାତାମାନେ ତାଙ୍କ ସେବାଗୁଡ଼ିକୁ ସମାପ୍ତ କରିଥିଲେ । ଉତ୍ତରଦାତାମାନଙ୍କ ଦ୍ୱାରା ନିଆଯାଇଥିବା କାର୍ଯ୍ୟାନୁଷ୍ଠାନରେ ଆମେ କୌଣସି ଅବୈଧତା ପାଉନାହୁଁ ।

ସେହି ଅନୁଯାୟୀ ସ୍ୱତନ୍ତ୍ର ଅନୁମତି ଆବେଦନ ଖାରଜ କରାଗଲା ।

ଜି.ଏନ୍. ଆବେଦନ ଖାରଜ ହୋଇଛି ।

ଅସ୍ୱୀକରଣ:

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦକ

ଯୋଗେଶ୍ୱର ହୋତା
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।